ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୩ ଫେବୃୟାରୀ, ୨୦୨୧

## ଗାଡ଼ି ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଖଜୁରିପଡ଼ା,(ଡି.ଏନ.ଏ.): ଖଜୁରିପଡ଼ା ବ୍ଲକ ଗୁଦାରି ପଞ୍ଚାୟତର ସାଧନ ଅନୁଷ୍ଠାନ ଛକଠାରେ କନ୍ଧମାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୭ କି.ଗ୍ରା. ଗଞ୍ଜେଇ ସହ ବୋଲେରୋ (ନଂ.ଓଡ଼ି୦୯ଇ୯୭୯୯) ଜବତ କରାଯାଇଛି। ବୋଲେରୋ ଡ୍ରାଇଭର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରାଯାଇଛି। ରଞ୍ଜନଙ୍କ ଘର ଦେବଗଡ ଜିଲା ରିଆମାଳ ବ୍ଲକ ଭିତରପଦର ବୋଲି ଅବକାରୀ ବିଭାଗ ସବଇନ୍ସପେକ୍ଟର ଥାଇଲା ଓରାମ ପ୍ରକାଶ କରିଛନ୍ତି।



## ଆଜି କ'ଣ କେଉଁଠି

ଭଞ୍ଜନଗର
- ରକ୍ତଦାନ ଶିବିର ସ୍ଥାନ: ଭଞ୍ଜନଗର ଜାମପଲ୍ଲୀ ରୋଡ, ଶିବଶକ୍ତି ଟ୍ରେଡର୍ସ ସମୟ: ସକାଳ ୮ଟା।

## ସଂକ୍ଷେପରେ

### ଶିଳ୍ପାଞ୍ଚଳରେ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବ୍ରହ୍ମପୁର ଅଫିସ,୨।୨: ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥ ଭୈରବୀ ଜଳାଶୟ ପାର୍ଶ୍ୱରେ ଶନିଶ୍ଚର ମନ୍ଦିରର ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ ପ୍ରସାଦ ସ୍ୱାଇଁ ମୁଖ୍ୟ କର୍ତ୍ତା ଥିଲେ। ଯଜ୍ଞ ଓ ଶନିଶ୍ଚର ଦେବଙ୍କ ଦର୍ଶନ ପାଇଁ ଶିଳ୍ପାଞ୍ଚଳ ଏବଂ ଆଙ୍କୁଲି ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଧାଡ଼ି ଲଗାଇଥିଲେ। ଜଳାଶୟ ପାର୍ଶ୍ୱରେ ସକଳେଶ୍ୱର ଶୈବପୀଠ, ଜଗନ୍ନାଥ ମନ୍ଦିର, ହନୁମାନ, କନକଦୁର୍ଗା ସମେତ ଅନେକ ମନ୍ଦିର ରହିଛି। କନକ ଦୁର୍ଗାଙ୍କ ମଧ ମଙ୍ଗଳବାର ପ୍ରତିଷ୍ଠା ସମାରୋହ ହୋଇଥିଲା।

### ଭଗବାନ ଗନ୍ତାୟତ ନୂଆ ସଭାପତି

ବ୍ରହ୍ମପୁର ଅଫିସ,୨।୨-ବ୍ରହ୍ମପୁର ପୌରସଂସ୍ଥାର ପୂର୍ବତନ କାଉନସିଲର ଏବଂ ମହାନଗର ନିଗମର ପ୍ରାକ୍ତନ କର୍ପୋରେଟର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଉପନଗରପାଳ ଭଗବାନ ଗନ୍ତାୟତଙ୍କୁ ସର୍ବସମ୍ମତିକ୍ରମେ ସଂଘର ସଭାପତି କରାଯାଇଛି। ପୂର୍ବରୁ ପୂର୍ବତନ ନଗରପାଳ ପି. ଭିମୁଡୁ ସଭାପତି ଥିଲେ।

ଭେଜାଲ ଇଞ୍ଜିନ୍ ଅଏଲ ଜବତ ମାମଲା

### ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୨।୨- ଭେଜାଲ ଇଞ୍ଜିନ୍ ଅଏଲ କାରବାର ଘଟଣାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ମହମ୍ମଦ ଇଜାଜଙ୍କୁ ମଙ୍ଗଳବାର ଜାମିନ ମିଳିଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ କୁମାର ମହାନ୍ତି ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସାୟାଦ ଇକ୍‌ବାଲ ମକଦ୍ଦମା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ, ୨୦୨୦ ଡିସେମ୍ବର ୨୦ରେ ଟାଉନ ଥାନା ପୋଲିସ ନୀଳାଦ୍ରିବିହାରରେ ଚାଲିଥିବା ଭେଜାଲ ଅଏଲ କାରଖାନା ଠାବ କରିଥିଲା। ମହମ୍ମଦ ଇଜାଜ୍‌ଙ୍କୁ ମାମଲା ନଂ.୨୫୭/୨୦ରେ ଗିରଫ କରିଥିଲା। ଇଜାଜ୍ ନିଜ ଘରେ ଭେଜାଲ ଇଞ୍ଜିନ ଅଏଲ ପ୍ରସ୍ତୁତ କରି ଜିଲାର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ। ଇଜାଜଙ୍କ ଘରୁ ଓ ତାଙ୍କର ଏକ କାର ଭିତରୁ ପୋଲିସ ୨୦ କାର୍ଟୁନ ଭେଜାଲ ଇଞ୍ଜିନ ଅଏଲ ଜବତ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ଅଭିଯୁକ୍ତ ଇଜାଜଙ୍କ ଜାମିନକୁ ଏସ୍‌ଡିଜେଏମ ଜିତେନ୍ଦ୍ରିୟ ପାଣିଗ୍ରାହୀ ଖାରଜ କରିଦେଇଥିଲେ।

### ହାତୀଆଡି ପ୍ରିମିୟର ଲିଗ୍: ବମକୋଇ ଚାମ୍ପିୟନ

ଦିଗପହଣ୍ଡି,୨।୨(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ହାତୀଆଡି ବାଲାଜୀ ଖେଳପଡିଆଠାରେ ଆୟୋଜିତ ହାତୀଆଡି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବମକୋଇ ରୟାଲ ଷ୍ଟ୍ରାଇକ୍ ଦଳ ଘରୋଇ ହାତୀଆଡି ଦଳକୁ ୪୦ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ବମକୋଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୩୯ ରନ କରିଥିବା ବେଳେ ଘରୋଇ ଟିମ ୭ ଉଇକେଟ ହରାଇ ୧୦୭ ରନ୍ କରି ୪୦ ରନରେ ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ କରପଡ଼ା ସରପଞ୍ଚ ପ୍ରତିନିଧି ବିଶନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଦୀନବନ୍ଧୁ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ ଏବଂ ଠିକାଦାର ନରସିଂହ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ବିଜେତା ବମକୋଇ ଟିମକୁ ୧୬,୬୬୬ ଟଙ୍କା ଓ ପରାଜିତ ଦଳକୁ ୧୧,୧୧୧ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଅତିଥିମାନେ ଉଭୟ ଦଳର ଶ୍ରେଷ୍ଠ ଖେଳାଳିମାନଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ।

# କେନାଲ ପାଲଟିଛି ଆବର୍ଜନା କୁଣ୍ଡ

## ଭଗ୍ନ ପ୍ରାଥମିକ ବିଦ୍ୟାଳୟ ଡମ୍ପିଂୟାର୍ଡ

ବ୍ରହ୍ମପୁର ଅଫିସ,୨।୨

ବ୍ରହ୍ମପୁର ମହାନଗର ନିଗମ ୧୮ ନଂ. ୱାର୍ଡ଼। ଯାହାକି ତ୍ରିବେଣୀ ନଗର, ହନୁମାନ ନଗର, ଗଙ୍ଗାଧର ନଗର, ରାଉତପେଣ୍ଠ ସାହି, ଦ୍ୱିତୀୟ ଗୌଡ଼ ସାହି ଆଦି ଉକ୍ତ ୱାର୍ଡ଼ ସହ ସଂଯୋଗ ହୋଇଛି। କିନ୍ତୁ ଏହି ୱାର୍ଡ଼ରେ ଥିବା କେନାଲ ବର୍ତ୍ତମାନ ସାହିବାସିନ୍ଦାଙ୍କ ନିମନ୍ତେ ସମସ୍ୟା ହୋଇଛି। ଏହା ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣ ଓ ୱାର୍ଡ଼ ସଚେତନତା କମିଟି ପ୍ରହସନକୁ ପଦାରେ ପକାଇଛି।

### ୧୮ ନଂ. ୱାର୍ଡ

- ଭଗ୍ନ ପ୍ରାଥମିକ ବିଦ୍ୟାଳୟ ଡମ୍ପିଂୟାର୍ଡ

ଏହି ୱାର୍ଡ଼ର ତ୍ରିବେଣୀ ନଗର ଅଞ୍ଚଳରେ ଏକ ବିରାଟ କେନାଲ ରହିଛି, ଯାହା ଧୋବା ନାଳକୁ ସଂଯୋଗ ହୋଇଛି। ଏହା ବର୍ତ୍ତମାନ ଆବର୍ଜନାପୂର୍ଣ୍ଣ ଡ୍ରେନ୍‌ରେ ପରିଣତ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ପୂର୍ବରୁ ଏହି କେନାଲ ପାଣିକୁ ଲୋକେ ପାନୀୟ ଭାବେ ବ୍ୟବହାର କରୁଥିଲେ। କିନ୍ତୁ ସମୟକ୍ରମେ ଆଖପାଖରେ ଜନବସତି ବୃଦ୍ଧି ପାଇବା ସାଙ୍ଗକୁ କେନାଲଟି ସଂକୀର୍ଣ୍ଣ ହୋଇ ପଡ଼ିଥିଲା। ଏହାର ଠିକ୍ ରକ୍ଷଣାବେକ୍ଷଣ ହୋଇପାରିଲା ନାହିଁ। ଫଳରେ କେନାଲରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମି ରହିଲା। ବିଏମ୍‌ସି ପକ୍ଷରୁ ସଫା କରା ନ ଯିବାରୁ ତାହା ବର୍ତ୍ତମାନ ଆବର୍ଜନାର ବିରାଟ କୁଣ୍ଡ ପାଲଟିଛି।

୨୦୧୮-୧୯ରେ କେନାଲ ପୁନରୁଦ୍ଧାର ନିମନ୍ତେ ବିଏମ୍‌ସି ପକ୍ଷରୁ ୧୮.୪୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାର ପୁନରୁଦ୍ଧାର ହେବା ତ ଦୂରର କଥା, ଏତେ ଧାର୍ଯ୍ୟ ବଜେଟର କୌଣସି କାର୍ଯ୍ୟ ହୋଇନାହିଁ। ଏହା କେବଳ ଯୋଜନାରେ ସୀମିତ ରହିଛି। ଆବର୍ଜନାଯୁକ୍ତ କେନାଲ ନିକଟରେ ଥିବା ଷ୍ଟାଣ୍ଡପୋଷ୍ଟରୁ ଲୋକେ ପାନୀୟ ଜଳ ବ୍ୟବହାର ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏପରିକି ଷ୍ଟାଣ୍ଡ ପୋଷ୍ଟଗୁଡ଼ିକରେ ଟ୍ୟାପ୍ ନ ଥିବାରୁ ଦିନ ରାତି ଅହରହ ପାଣି ଖୋଲାରେ ଯାଉଥିବା ଦେଖିବାକୁ ମିଳିଛି। ୱାର୍ଡ଼ର ଅନ୍ୟ ଏକ ସମସ୍ୟା ହେଉଛି କେନାଲ ଉପରେ ଥିବା କଲଭର୍ଟ। ଏହି କେନାଲ ଉପରେ ୪ଟି କଲଭର୍ଟ ରହିଛି। ଏଥିମଧ୍ୟରୁ କେତେକ କଲଭର୍ଟ ଦରଭଙ୍ଗା ହୋଇ ରହିଥିବାରୁ ଯାତାୟାତ ସମୟରେ ବହୁ ଲୋକ ଓ ବାଇକ୍‌ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗଙ୍ଗାଧର ନଗରଠାରେ ବନ୍ଦ ହୋଇ ପଡ଼ି ରହିଥିବା ଏକ ଭଗ୍ନ ପ୍ରାଥମିକ ବିଦ୍ୟାଳୟ ଡମ୍ପିଂୟାର୍ଡ଼ ପାଲଟିଛି। ସଫେଇ କର୍ମଚାରୀମାନେ ସମସ୍ତ ଅଳିଆ ଆବର୍ଜନାକୁ ଏହି ସ୍କୁଲ ଘରେ ଆଣି ଜମା କରୁଥିବା ଅଭିଯୋଗ ହୋଇଛି। ଫଳରେ ଏଠାରେ ବସବାସ କରୁଥିବା ସ୍ଥାନୀୟ ଲୋକ ଆବର୍ଜନା ଦୁର୍ଗନ୍ଧରେ ଅତିଷ୍ଠ ହୋଇ ପଡ଼ିଲେଣି। ଅନ୍ୟପଟେ ଏହି ୱାର୍ଡ଼ସ୍ଥିତ ବାଲାଜୀପେଣ୍ଠଠାରୁ ଗୌଡ଼ ସାହିଯାଏ ଏକ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ବିଏମ୍‌ସି ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କେବଳ ମାଟି ପକାଇବା ପରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି।

ଏ ନେଇ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ (ମୋ-ନଂ.୬୩୭୧୭୫୨୪୪୫)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।


ଆବର୍ଜନାରେ ଭର୍ତ୍ତି କେନାଲ।

### ସେମାନେ ଯାହା କୁହନ୍ତି


"ଦୀର୍ଘ ଆଠ ବର୍ଷ ଧରି ବାଲାଜୀପେଣ୍ଠ ଓ ଗୌଡ଼ ସାହି ରାସ୍ତା କେବଳ ମାଟି ପଡ଼ି ସୀମିତ ରହିଛି। କଂକ୍ରିଟ ରାସ୍ତା ନିର୍ମାଣ ହୋଇ ନାହିଁ। କେନାଲରୁ ଆବର୍ଜନା ବି ସଫା ହେଉନି। ବିଏମ୍‌ସି ଅଧିକାରୀ ସବୁ ଜାଣି ଚୁପ୍ ରହିଛନ୍ତି।

**ବସନ୍ତ କୁମାର ବେହେରା, ସ୍ଥାନୀୟ ବାସିନ୍ଦା।**


"ବିଏମ୍‌ସି ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି। ଅଭିଯୋଗ କଲେ ଫଟୋ ଉଠାଇ ପଳାଉଛନ୍ତି। କିନ୍ତୁ ଆବର୍ଜନା ସଫା କରୁ ନାହାନ୍ତି।

**ସନ୍ଧ୍ୟାରାଣୀ ବେହେରା, ସ୍ଥାନୀୟ ବାସିନ୍ଦା**


"କେନାଲଟି ଆବର୍ଜନାରେ ପୋତି ହୋଇ ରହିଥିବାରୁ ସନ୍ଧ୍ୟାରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏ ବାବଦରେ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

**ବିନୋଦ ଚନ୍ଦ୍ର ବେହେରା, ସ୍ଥାନୀୟ ବାସିନ୍ଦା**


"ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ନ ଥିବାରୁ ଦିନରାତି ପାଣି ଅନବରତ ନଷ୍ଟ ହେଉଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି।

**ମାଗତା ସାହୁ, ସ୍ଥାନୀୟ ବାସିନ୍ଦା**

# ଡ୍ରେନ୍, ରାସ୍ତା ମରାମତି ନେଇ ଦାବିପତ୍ର

ବ୍ରହ୍ମପୁର ଅଫିସ,୨।୨

ମହାନଗର ନିଗମର ୩୭ ନଂ. ୱାର୍ଡ଼ ଅନ୍ତର୍ଗତ ଲାଞ୍ଜିପଲୀ ଶ୍ରୀଗଣେଶ ନଗର ବାସିନ୍ଦା ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ପୁନଃ ବିଏମ୍‌ସିର ଦ୍ୱାରସ୍ଥ ହୋଇଛନ୍ତି। ଏଠାକାର ବାସିନ୍ଦା ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ରାସ୍ତା ଓ ଡ୍ରେନ୍ ମରାମତି ନେଇ ବିଏମ୍‌ସି ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଗତ ୧ ତାରିଖରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କମିଶନରଙ୍କ ପକ୍ଷରୁ ୭ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ମୁତାବକ, ଦାବି ପୂରଣ ନ ହେବାରୁ ମଙ୍ଗଳବାର ଉକ୍ତ ୱାର୍ଡ଼ର ଶତାଧିକ ମହିଳା ଓ ପୁରୁଷ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଯାଇଥିଲେ। କିନ୍ତୁ କମିଶନର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ବେଳେ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଧାରଣା ନ ଦେବା ପାଇଁ ୱାର୍ଡ଼ ବାସିନ୍ଦାଙ୍କୁ ଅନୁରୋଧ କରିଥିଲେ। ଫଳରେ ସ୍ଥାନୀୟ ବାସିନ୍ଦା ବିଏମ୍‌ସି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ନେଇ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ସମୟରେ ରବୀନ୍ଦ୍ର ବାରିକ, ଦୁର୍ଗା ସାବତ ଓ ଅକ୍ଷୟ ମିଶ୍ରଙ୍କ ସମେତ ବହୁ ବାସିନ୍ଦା ଉପସ୍ଥିତ ଥିଲେ।

### ଧାରଣା ବନ୍ଦ କଲେ ନିର୍ବାହୀ ଯନ୍ତ୍ରୀ

# ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଆର୍‌ଏଏମ୍ ପିସି ଶାଖା ଉଦ୍‌ଘାଟିତ


ଅତିଥିଙ୍କ ଦ୍ୱାରା ଋଣ ମଞ୍ଜୁରୀ ପତ୍ର ପ୍ରଦାନ।

ବ୍ରହ୍ମପୁର ଅଫିସ,୨।୨

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଆର୍‌ଏଏମ୍ ପିସି (ଖାଉଟି, କୃଷି ଓ ଏମ୍‌ଏସ୍‌ଏମ୍‌ଇର ପ୍ରକ୍ରିୟାକରଣ କେନ୍ଦ୍ର) ଆମ୍ବପୁଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ ମହାପ୍ରବନ୍ଧକ ବି.ସୁରିବାବୁ ଯୋଗ ଦେଇଥିଲେ। ଏହି ଶାଖା ବିଶେଷକରି ଖାଉଟି, କୃଷି ଓ ଏମ୍‌ଏସ୍‌ଏମ୍‌ଇ ଋଣର ସ୍ୱୀକୃତି ପ୍ରଦାନ ହେତୁ ଖୋଲାଯାଇଛି। ଏଯାଏ ସମସ୍ତ କ୍ଷେତ୍ରରେ ୫୧ କୋଟି ପର୍ଯ୍ୟନ୍ତ ଋଣ ମଞ୍ଜୁର କରିସାରିଛି। ଶାଖା ଉଦ୍‌ଘାଟନୀରେ ମଣ୍ଡଳ ପ୍ରବନ୍ଧକ ଜି.ଜୟା ପାଣ୍ଡିଆନ୍, ଉପପ୍ରବନ୍ଧକ ହୃଦାନନ୍ଦ ଦାଶ, ଶାଖା ପ୍ରମୁଖ କି.କେ. ନନ୍ଦଙ୍କ ସମେତ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୮ ହିତାଧିକାରୀଙ୍କୁ ୧୫ କୋଟିର ଋଣ ମଞ୍ଜୁର ପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ


ଜବତ ପିସ୍ତଲ, ଗୁଳି ଓ ଅନ୍ୟାନ୍ୟ ଜିନିଷ।

- ୮ ପିସ୍ତଲ, ଗୁଳି, ୨ ଖଣ୍ଡା ଜବତ
- ପିସ୍ତଲ ରଖିବା ଅଭିଯୋଗରେ ସମିତିସଭ୍ୟାଙ୍କ ସ୍ୱାମୀ ଗିରଫ

ଖଲ୍ଲିକୋଟ,୨।୨(ଡି.ଏନ.ଏ.)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଖଲ୍ଲିକୋଟ ପୋଲିସ ମଙ୍ଗଳବାର ୪ଜଣ ଅଭିଯୁକ୍ତଙ୍କ କୋର୍ଟଚାଲାଣ କରିଛି। ସେମାନେ ହେଲେ କୋଦଳା ଥାନା ବି.ନୂଆପଲ୍ଲୀର ସନ୍ତୋଷ ଖଟେଇ, କାଳିମେଘିର ମୁନାରାମ ଜେନା, ଫାସି ଗାଁର ରାଜ ଗୋପାଳ ମହାପାତ୍ର ଏବଂ ଖଲ୍ଲିକୋଟ ଥାନା କନ୍ହେଇପୁରର ଧିରେନ୍ଦ୍ର ଦାସ। ସେମାନଙ୍କ ନିକଟରୁ ୮ ବନ୍ଧୁକ ସହ ଗୁଳି, ଦୁଇଟି ଖଣ୍ଡା, ୩ ମୋବାଇଲ ଫୋନ, ଚିଲି ପାଉଡର ପ୍ୟାକେଟ, ଦୁଇଟି ଟର୍ଚ୍ଚ ଲାଇଟ, ତିନୋଟି ବାଇକ୍ ଜବତ ହୋଇଛି।

ପ୍ରକାଶ ଯେ, ଖଲ୍ଲିକୋଟ ଥାନା ବଡ଼ଘାଟି ନିକଟରେ ସୋମବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଜାତୀୟ ରାଜପଥରେ ଯାଉଥିବା ଏକ ଟ୍ରକ୍‌ରୁ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ, ଏସ୍‌ଆଇ ଅମ୍ବିକା ବେହିଆ ପୋଲିସ ଟିମ ସହ ଉକ୍ତ ସ୍ଥାନରେ ଚଢ଼ାଉ କରି ୪ ଜଣ ଗିରଫ କରିବା ସହ ନଂ. ୪୮/୨୧ରେ ମାମଲା ରୁଜୁ କରିଛି।

ସେହିପରି ବେଆଇନ ଭାବେ ଏକ ପିସ୍ତଲ ରଖିବା ଅଭିଯୋଗରେ ପୋଲିସ ଖଲ୍ଲିକୋଟ ବ୍ଲକ କୈରାଶି ଗ୍ରାମପଞ୍ଚାୟତ ସମିତିସଭ୍ୟାଙ୍କ ସ୍ୱାମୀ ସନ୍ତୋଷ କୁମାର ରାଉତଙ୍କୁ ଗିରଫ କରିଛି। ନଂ. ୪୩/୨୧ ଅନୁଯାୟୀ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୋମବାର ରାତିରେ ସନ୍ତୋଷଙ୍କ ଘରେ ଚଢ଼ାଉ କରାଯାଇ ପିସ୍ତଲ ଓ ଗୋଟିଏ ଗୁଳି ଜବତ କରାଯାଇଥିବା ମଙ୍ଗଳବାର ଆଡିସ୍‌ନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ନାଇଟ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋରା ବନ୍ଧୁକ ଚାଲାଣକାରୀଙ୍କୁ ଶୀଘ୍ର ଧରାଯିବ ବୋଲି ପ୍ରକାଶ କରିଥିଲେ।

## ଡକାୟତି ଘଟଣା, ୨ ଫେରାର ଅଭିଯୁକ୍ତ ଗିରଫ

ଗୋପାଳପୁର,୨।୨

ଡକାୟତି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗୋପାଳପୁର ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ମହାନଗର ବଡ଼ ବଜାର ଅଞ୍ଚଳର ରାମ ଜେନା ଓ ଉଦ୍ଧବ ଜେନା। ସେମାନଙ୍କ ଠାରୁ ଗୋଟିଏ ବାଇକ୍ ଓ ୨ମୋବାଇଲ ଜବତ ହୋଇଛି। ଅକ୍ଟୋବର ୧୫ରାତିରେ ବଡ଼ ବଜାର ଅଞ୍ଚଳର ବି. ବିଜୟ କୁମାର ଆଚାରି ଓ କେ. ଶିବ ପ୍ରସାଦ ଆଚାରି ଗୋପାଳପୁର ଓଭରବ୍ରିଜ ନିକଟରେ ବିଶାଖାପାଟନାମ୍ ଯିବାକୁ ବସ୍‌କୁ ଅପେକ୍ଷା କରିଥିବାବେଳେ ୯ରୁ ୧୦ ଜଣ ଡକାୟତ ଆସି ସେମାନଙ୍କୁ ମାଡ଼ ମାରି ବାଇକ, ଦୁଇଟି ମୋବାଇଲ ଓ ୮ହଜାର ଟଙ୍କା ଲୁଟି ନେଇଥିଲେ। ନଂ. ୧୭୧/୨୦ରେ ମାମଲା ରୁଜୁ ହୋଇଥିଲା। ସୋମବାର ରାତିରେ ଗୋପାଳପୁର ପୋଲିସ ସେମାନଙ୍କୁ ଗିରଫ କରିଥିଲେ। ପୂର୍ବରୁ ଉକ୍ତ ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଥିଲା।

# ଅର୍ବାନ୍ ବ୍ୟାଙ୍କ ବୈଠକରେ ଜାଲ୍ ସ୍ୱାକ୍ଷର ଅଭିଯୋଗ

ବ୍ରହ୍ମପୁର ଅଫିସ,୨।୨

ବ୍ରହ୍ମପୁର ମହାନଗରରେ ୧୧୫ ବର୍ଷର ପୁରାତନ ସମବାୟ ଅନୁଷ୍ଠାନ ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ୨୦୨୦ ଫେବୃୟାରୀ ୧୩ରୁ ସରକାରୀ ପରିଚାଳନା ରହିଛି। ଗଞ୍ଜାମ ଅତିରିକ୍ତ ଜିଲାପାଳ ଏହାର ପ୍ରଶାସକ ଅଛନ୍ତି। ସହକାରୀ ସମବାୟ ନିବନ୍ଧକ ବ୍ୟାଙ୍କ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। ନିୟମ ପ୍ରକାରେ ବ୍ୟାଙ୍କରେ ସାଧାରଣ ବୈଠକ ହୋଇଯାଇଛି। କେବଳ ଅଂଶୀଦାରମାନେ ଯୋଗଦେଇ ଉପସ୍ଥିତ ରେଜିଷ୍ଟରରେ ସ୍ୱାକ୍ଷର କରିବା ଏବଂ ଆଲୋଚନାରେ ଭାଗ ନେବା ବ୍ୟବସ୍ଥା ଅଛି। ଏହି ବୈଠକରେ ଜଣେ ମହିଳା ଅଂଶୀଦାର ସନ୍ଧ୍ୟାରାଣୀ ଶୁକ୍ଳ ଅନୁପସ୍ଥିତ ଥିବା ବେଳେ ତାଙ୍କ ନାମରେ କେହି ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ପୌର ପରିଷଦର ପ୍ରାକ୍ତନ ନଗରପାଳ ଓ ଏହି ବ୍ୟାଙ୍କର ପୂର୍ବ ପରିଚାଳନା ବୋର୍ଡ ସଦସ୍ୟ ପି. ଭୀମୁଡୁ ଓ ଆଇନଜୀବୀ ସନାତନ ସାହୁଙ୍କ ସମେତ ଅନ୍ୟମାନେ ଏଥିପାଇଁ ବୈଠକ ବହି ଦାୟିତ୍ୱରେ ଥିବା ବ୍ୟାଙ୍କ କର୍ମଚାରୀଙ୍କୁ ଦୋଷ ଦେଇଛନ୍ତି। ଏହାର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସହକାରୀ ସମବାୟ ନିବନ୍ଧକଙ୍କୁ ଦାବିପତ୍ର ଦିଆଯାଇଛି। ଏହାର ନକଲ ରାଜ୍ୟ ସମବାୟ ନିବନ୍ଧକ, ଗଞ୍ଜାମ ଜିଲାପାଳ, ସମବାୟ ଉପନିବନ୍ଧକଙ୍କୁ ପଠାଯାଇଛି। ତ୍ୱରିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲାଗି ପୂର୍ବତନ ନଗରପାଳ ମଙ୍ଗଳବାର ଦାବି କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜାଲିଆତି ନେଇ ଦାବିପତ୍ର

ଶେରଗଡ,୨।୨(ଡି.ଏନ୍.ଏ.): ଶେରଗଡ ବ୍ଲକ ଧବଳପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବ୍ୟାପକ ଜାଲିଆତି ଅଭିଯୋଗ ନେଇ କେତେଜଣ ବ୍ୟକ୍ତି ତହସିଲ କାର୍ଯ୍ୟାଳୟରେ ଉପଜିଲାପାଳଙ୍କୁ ଭେଟି ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ ସହ କେତେଜଣ ସମିତିସଭ୍ୟଙ୍କ ବିରୋଧରେ ସେମାନେ ବିଷୋଦ୍‌ଗାର କରିଥିଲେ। ଜେଲ୍‌ରେ ଥିବା ଜଣେ ବ୍ୟକ୍ତି ଓ ବହୁଦିନ ହେଲା ଗାଁରେ ନଥିବା ଲୋକଙ୍କ ନାମରେ ଟଙ୍କା ଛଡାଯାଉଥିବା ଆଦି ଘଟଣାରେ ସମ୍ପୃକ୍ତ ସମିତିସଭ୍ୟମାନେ ସାମିଲ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏନେଇ ଉପଯୁକ୍ତ ତଦନ୍ତ କରାଯିବ ବୋଲି ଉପଜିଲାପାଳ ମିଞ୍ଜ କହିଥିଲେ।

# 'ନିଜ କଥା' ପୁସ୍ତକ ଉନ୍ମୋଚିତ

ବ୍ରହ୍ମପୁର ଅଫିସ,୨।୨

ରାଜ୍ୟ ବିଧାନସଭାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ରଚିତ 'ନିଜ କଥା' ପୁସ୍ତକ ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ରାମଚନ୍ଦ୍ରଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ବାଚସ୍ପତି ମନେ ପକାଇ ଦେଇଥିଲେ। ଲୋକସେବକ ମଣ୍ଡଳର ପ୍ରମୁଖ କର୍ମକର୍ତ୍ତା ନିରଞ୍ଜନ ରଥ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲେଖକ ପଣ୍ଡା ପ୍ରାରମ୍ଭିକ ଭାଷଣରେ ତାଙ୍କ ଛାତ୍ର ଜୀବନ, ରାଜନୈତିକ ଜୀବନ, ବିଭିନ୍ନ ସମୟରେ ଯୋଡ଼ି ହୋଇଥିବା ଜନ ଆନ୍ଦୋଳନ, ଋଷିକୁଲ୍ୟା ସହ ମହାନଦୀ ସଂଯୋଗୀକରଣ ପାଇଁ କରିଥିବା ସ୍ୱର ଉତ୍ତୋଳନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଅତୀତରେ ହୋଇଥିବା ବୃହତ୍ ଛାତ୍ର ଆନ୍ଦୋଳନରେ ସାମିଲ, ହୀରାକୁଦ ଏକ୍ସପ୍ରେସ ଟ୍ରେନ ରହଣି ନିମନ୍ତେ କରିଥିବା ଅଭିଯାନ, ଆନ୍ଦୋଳନ ଯୋଗୁ ଜେଲରେ ଥିବା ବେଳେ ସେ ଦେଇଥିବା ସ୍ନାତକୋତ୍ତର ପରୀକ୍ଷା ଆଦି ଅନେକ ଘଟଣା 'ନିଜ କଥା'ରେ ଦର୍ଶାଇଥିଲେ। ୨୦୦୦ ନିର୍ବାଚନରେ ଛତ୍ରପୁର ଆସନରୁ ଭାଜପା ପ୍ରାର୍ଥୀ ଭାବେ ଲଢ଼ି ବିଧାୟକ ହେବା ପରେ ବିଧାନସଭା ଉପବାଚସ୍ପତି ପଦ ପାଇଥିଲେ।

ଲୋକାର୍ପଣ ସମାବେଶ ଅବସରରେ ପରିବେଶ ସମ୍ପର୍କୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଗେଶ୍ୱର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ଅମର ଶତପଥୀ, ସମାଜ ବିଜ୍ଞାନୀ ଆଇନଜୀବୀ ଭଗବାନ ସାହୁ, ଦାଶ ବେନହୁର, ଶିଶିର ଭଟ୍ଟମିଶ୍ର ଓ ପ୍ରହ୍ଲାଦ ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ହୟଗ୍ରୀବ ତ୍ରିପାଠୀଙ୍କ ସମେତ ବିଭିନ୍ନ ସ୍ତରର ଅନେକ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ହେଲ୍‌ମେଟ ଯାଞ୍ଚ: ମାସକରେ ୩୬୪ ଡିଏଲ୍ ରଦ୍ଦ

ବ୍ରହ୍ମପୁର ଅଫିସ,୨।୨

ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ବିଶେଷକରି ହେଲ୍‌ମେଟ ଧରପଗଡ଼ ଅଭିଯାନ ଜୋରଦାର କରାଯାଇଛି। ଏବେ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏପରି କି ହେଲ୍‌ମେଟ ନ ପିନ୍ଧିଲେ ୩ମାସ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ରଦ୍ଦ କରିବା ପାଇଁ ପୋଲିସ ଆରଟିଓଙ୍କୁ ସୁପାରିସ କରିବ ବୋଲି ନିୟମ ହୋଇଛି। ଏହି ଧାରାରେ ବ୍ରହ୍ମପୁରରେ ଟ୍ରାଫିକ୍ ଥାନା ପକ୍ଷରୁ ମାସକରେ ୩୬୪ ଡିଏଲ୍ ରଦ୍ଦ ପାଇଁ ପୋଲିସ ପକ୍ଷରୁ ଆରଟିଓଙ୍କୁ ସୁପାରିସ କରାଯାଇ ସାରିଲାଣି। ଏହା ସହିତ ଜରିମାନା ବାବଦରେ ମାନୁଆଲ ଏବଂ ଇ-ଚାଲାଣ ବାବଦରେ ୩୪ ଲକ୍ଷ ୨୭ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇ ସାରିଲାଣି ବୋଲି ଟ୍ରାଫିକ୍ ଡିଏସ୍‌ପି ବିମଳକାନ୍ତ ନାୟକ ସୂଚନା ଦେଇଛନ୍ତି। ଏହି ଧରପଗଡ଼ ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବ୍ରହ୍ମପୁର ସହରରେ ହେଲମେଟ୍ ଯାଞ୍ଚ କଡ଼ାକଡ଼ି କରାଯିବା ସହିତ ଟ୍ରିପଲ୍ ରାଇଡିଂ, ନିଶାସକ୍ତ ଚାଳକ ଧରପଗଡ଼, ରଙ୍ଗ୍ ପାର୍କିଂ ଅଭିଯାନ ଜୋରଦାର କରାଯାଇଥିଲା। ଏପରି କି ସିଟ୍ ବେଲ୍ଟ ନ ପିନ୍ଧିଲେ ଓ ଗାଡ଼ି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କଲେ ଜରିମାନା ଆଦାୟ କରାଯାଉଥିଲା। କିନ୍ତୁ ଗତବର୍ଷ କୋଭିଡ୍ ଯୋଗୁ ଏପ୍ରିଲରୁ ଏହି ଯାଞ୍ଚ ଧିମା ପଡ଼ି ଯାଇଥିଲା। ତଥାପି ସହରର ବିଭିନ୍ନ ଛକରେ ଲାଗିଥିବା ଆଇଟିଏମ୍‌ଏସ୍ ବ୍ୟବସ୍ଥାର ସିସି କ୍ୟାମେରାରେ ଯେଉଁମାନେ ଧରା ପଡୁଥିଲେ ସେମାନଙ୍କ ମୋବାଇଲକୁ ଇ-ଚାଲାଣ ପଠାଯାଉଥିଲା। ଏବେ ଏହାକୁ ଆହୁରି କଡ଼ାକଡ଼ି ଭାବେ ପାଳନ କରାଯାଇଛି। ଗତ କିଛିଦିନ ହେଲା ଦୈନିକ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ଜରିମାନା ଧାର୍ଯ୍ୟ ହେଉଛି। ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି କରିବା ପାଇଁ ୨୦୧୯ ସେପ୍ଟେମ୍ବର ୧ ରୁ ବ୍ରହ୍ମପୁର ମହାନଗରରେ ଆଇଟିଏମ୍‌ଏସ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବ୍ରହ୍ମପୁର ମହାନଗରରେ ୩ କୋଟି ୭୨ଲକ୍ଷ ଟଙ୍କା ବ୍ୟୟରେ କାନାଡ଼ା ବୈଷୟିକ ଜ୍ଞାନକୌଶଳକୁ ଅବଲମ୍ବନ କରି ସମନ୍ୱିତ ଟ୍ରାଫିକ ପରିଚାଳନା ସିଷ୍ଟମ (ଆଇଟିଏମ୍‌ଏସ୍) କାର୍ଯ୍ୟକାରୀ କରାଯାଇଥିଲା। ଏହାଦ୍ୱାରା ବିପର୍ଯ୍ୟସ୍ତ ଟ୍ରାଫିକରେ ସୁଧାର ଆଣିବା ସହ ସିସି କ୍ୟାମେରା ଜରିଆରେ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଉଛି। ପ୍ରଥମ ପର୍ଯ୍ୟାୟରେ ଟାଟାବେଞ୍ଜ ଛକ, କମାପଲ୍ଲୀ, କୋର୍ଟପେଟା ଛକ, ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ ଓ ଗେଟ୍‌ବଜାର ଛକରେ ଏହା କାର୍ଯ୍ୟକାରୀ କରାଯାଇଛି। ଏହା ସହିତ ସହରର ବିଭିନ୍ନ ସ୍ଥାନରେ ଅତିରିକ୍ତ ୧୦୦ଟି ସିସି କ୍ୟାମେରା ଖଞ୍ଜାଯାଇଛି ବୋଲି ସେ କହିଛନ୍ତି।



ଟ୍ରାଫିକ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ।

### ଧାର୍ଯ୍ୟ ହୋଇ ସାରିଲାଣି ୩୪ ଲକ୍ଷର ଜରିମାନା

**ହତ୍ୟାକାରୀ ଗିରଫ ନ ହେଲେ ଥାନା ଘେରାଉ**

ପୋଲସରା,(ଡି.ଏନ.ଏ.): ସରକାରୀ ଜାଗାକୁ କେନ୍ଦ୍ର କରି ପୋଲସରା ଥାନା ମଧୁପଲ୍ଲୀ ପଞ୍ଚାୟତ ହାରାପଲ୍ଲୀର ପ୍ରଭାକର ଗୌଡ଼ଙ୍କୁ ଗତ ବୁଧବାର ଗ୍ରାମର କେତେକ ଯୁବକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ପରିବାରଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୨୩/୨୧ରେ ମାମଲା ରୁଜୁ କରିଥିଲା। ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧିମାନଙ୍କୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ଶୁକ୍ରବାର ପୋଲସରା ଥାନା ଘେରାଉ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳା ନନ୍ଦ ମଲିକ ସୂଚନା ଦେଇଛନ୍ତି।

# ଟୋକନ୍ ଧରି ବସିଛି ଚାଷୀ, ମଣ୍ଡି ଖୋଲୁନି

ପାରଳାଖେମୁଣ୍ଡି,୨।୨(ଡି.ଏନ୍.ଏ.)

ଟୋକନ୍ ଅଛି ହେଲେ ମଣ୍ଡି ଖୋଲୁନି କି ଚାଷୀ ଧାନ ବିକି ପାରୁନାହାନ୍ତି। ଦୀର୍ଘଦିନ ହେଲା ଖରା ବର୍ଷାରେ ଧାନ ପଡି ରହିଛି। ସରକାରୀ କଟକଣା ଯୋଗୁ ଦଲାଲଙ୍କୁ ମଧ୍ୟ ବିକ୍ରି କରି ପାରୁନାହାନ୍ତି। ପଚାରିବାରୁ ଟାର୍ଗେଟ ସରିଯାଇଥିବା ମିଲର କହୁଛନ୍ତି। ଏଭଳି ପରିସ୍ଥିତିରେ ଘାଣ୍ଟି ହେଉଛନ୍ତି ଗଜପତି ଜିଲା କାଶୀନଗର ଓ ଗୋଷାଣୀ ବ୍ଲକର ଶତାଧିକ ଚାଷୀ।

ଗୋଷାଣୀ ଓ କାଶୀନଗର ଅଞ୍ଚଳର କେତେକ ସ୍ଥାନରେ ଗତ ୩ଦିନ ତଳେ ବର୍ଷା ହୋଇଥିଲା। ଫଳରେ ଚାଷୀମାନେ ଅମର କରି ସ୍ଥାନ ଅଭାବରୁ ବାହାରେ ଗଦାକରି ରଖିଥିବା ବହୁ ଧାନ ଓଦା ହୋଇଯାଇଛି। ଏଭଳି ପରିସ୍ଥିତିରେ ମଣ୍ଡିକୁ ଚାହିଁ ବସିଥିବାବେଳେ ଟାର୍ଗେଟ୍ ସରିଯାଇଛି କହି ତାହା ମଧ୍ୟ ଖୋଲୁନାହିଁ।


ବର୍ଷାରେ ଭିଜି ଯାଇଥିବା ଧାନ ଶୁଖାଇଛନ୍ତି ଜଣେ ଚାଷୀ।

ଫଳରେ ଆମେ ଏବେ ହତାଶ ହେଲୁଣି ବୋଲି କହିଛନ୍ତି ଚାଷୀ ସୀମାଦ୍ରୀ ଜେନା, ରବି ବରାଡ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ଅନ୍ୟମାନେ। ଏନେଇ ଯୋଗାଣ ଅଧିକାରୀ ପ୍ରଦୀପ୍ତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ଥର ୫ ଲକ୍ଷ ୧୩ହଜାର ୪୩୨କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୪୭ହଜାର ୫୯୨ କୁଇଣ୍ଟାଲ ଧାନ ସଂଗ୍ରହ ସରିଛି। ୧୬,୦୭୮ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ୮,୨୮୪ ଜଣଙ୍କ ଠାରୁ ସଂଗ୍ରହ କରାଯାଇଛି। ବଳକା ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ସରକାରୀ ଅନୁମତି ଲାଗି ଚିଠି ଲେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷର ୮୭ ପ୍ରତିଶତ ଧାନ ସଂଗ୍ରହ ସରିଲାଣି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନିଆଯିବ।

ପ୍ରକାଶ ଯେ, ପୂର୍ବରୁ ଜିଲା ସୀମାନ୍ତ ଅଞ୍ଚଳର ଚାଷୀମାନେ ମଣ୍ଡି ନନେଲେ ଆନ୍ଧ୍ରପ୍ରଦେଶରର ବେପାରୀଙ୍କୁ ଧାନ ବିକି ଦେଉଥିଲେ। ଚଳିତବର୍ଷ ରାଜ୍ୟ ସରକାର ଜୋରଦାର ଚେକିଂ କରୁଥିବାରୁ ସେହି ବେପାରୀମାନେ ଆଉ ଆସୁନାହାନ୍ତି। ଫଳରେ ଏବେ ସରକାରୀ ଅବହେଳା ଓ ଋଣଭାର ମଝିରେ ପେଷି ହେଉଛି ଚାଷୀ। ଏନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମୋହନା ଆଇଟିଆଇ ପରିଦର୍ଶନ କଲେ ବାଗ୍‌ଚୀ


ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ଆଇଟିଆଇ ପରିଦର୍ଶନ କରୁଛନ୍ତି।

ଆର.ଉଦୟଗିରି, ୨।୨ (ଡି.ଏନ୍.ଏ.)

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଗଜପତି ଜିଲା ମୋହନା ବ୍ଲକସ୍ଥିତ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପରିଦର୍ଶନରେ ଆସିଥିଲେ। ଏଠାରେ ପାରିପାର୍ଶ୍ୱିକ ଅବସ୍ଥା ଦେଖି ସେ ଖୁସି ହୋଇଥିଲେ। ଏହା ସହ ଅଞ୍ଚଳର ଯୁବତୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ ଆଇଟିଆଇରେ ଅଧିକରୁ ଅଧିକ ନାମ ଲେଖାଇବାକୁ ବାଗ୍‌ଚୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଞ୍ଚଳର ତିବ୍ବତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଏଠାରେ ତାଲିମ ଦେବା ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ କହିଥିଲେ। ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ଉପଜିଲାପାଳ, ପିଏ, ଆଇଟିଡିଏ, ବିଡିଓ, ଆଇଟିଆଇର ଅଧ୍ୟକ୍ଷ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷ କେତେକ ପଦବୀ ଖାଲିଥିବା ଅବଗତ କରାଇଥିଲେ।

## ସଂକ୍ଷେପରେ

### ରାଜସ୍ୱ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଶେରଗଡ,୨।୨(ଡି.ଏନ୍.ଏ.): ଗଞ୍ଜାମ ଜିଲାର ରାଜସ୍ୱ କ୍ଷେତ୍ର କର୍ମଚାରୀ ସୋମବାର କଳାବ୍ୟାଜ୍ ପରିଧାନ କରିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଏକ ଦାବିପତ୍ର ଗଞ୍ଜାମ ଜିଲା ଅତିରିକ୍ତ ମାଜିଷ୍ଟ୍ରେଟ କବୀନ୍ଦ୍ର ସାହୁଙ୍କୁ ଭେଟି ପ୍ରଦାନ କରିଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ଜିଲା ସମ୍ପାଦକ ମନୋଜ କୁମାର ନାହାକ, ସଭାପତି ଭଗବାନ ପାତ୍ର ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ବାଲିକୁଦା ତହସିଲ ଅନ୍ତର୍ଗତ ମରିଚପୁର ରାଜସ୍ୱ ସର୍କଲର ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଡ୍ୟୁଟିରେ ଥିବାବେଳେ ଗତ ୨୦ ତାରିଖରେ ବାଲିପାଟଣାର ସୁବାସ ଚନ୍ଦ୍ର ନାୟକ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ସହ ଆମକୁ ସୁରକ୍ଷା ଯୋଗାଇ ନଦେବା ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

### ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଆବେଦନ

ଶେରଗଡ,୨।୨(ଡି.ଏନ୍.ଏ.): ଶେରଗଡ ବ୍ଲକ ଧବଳପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ୯ଜଣ ଓାର୍ଡସଭ୍ୟ ଭଞ୍ଜନଗର ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୧୧ ଓ୍ୱାର୍ଡ ବିଶିଷ୍ଟ ଧବଳପୁର ପଞ୍ଚାୟତର ୯ ଓ୍ୱାର୍ଡମେମ୍ବର ସରପଞ୍ଚ ସେମାନଙ୍କୁ ଅଣଦେଖା କରୁଥିବା ପୂର୍ବରୁ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ସୋମବାର ଓାର୍ଡସଭ୍ୟା ମିତା କୁମାରୀ ଗୌଡ, ସୁଜାତା ଗୌଡ, ଇନ୍ଦିରା ମଲିକ, ଗୋବିନ୍ଦ ପ୍ରଧାନ, ରାଜେନ୍ଦ୍ର ସେଠୀ, ଦିପି ସେଠୀ, ମଇଥଳି ସେଠୀ ପ୍ରମୁଖ ୯ଜଣ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଅନୁରୋଧ କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା ଆଲୋଚନାଚକ୍ର

ବୁଗୁଡ଼ା,୨।୨(ଡି.ଏନ.ଏ.): ବୁଗୁଡ଼ା ନିୟୁଏରା ପବ୍ଲିକ୍ ସ୍କୁଲରେ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଦେବେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ ଶିକ୍ଷକ ବୈଷ୍ଣବ ଚରଣ ଦାଶ ଛାତ୍ରୀଛାତ୍ରମାନଙ୍କୁ ସଡକରେ ଯିବା ସମୟରେ କିଭଳି ସତର୍କତା ଅବଲମ୍ବନ କରାଯାଏ ତାହା ବୁଝାଇବା ସହ ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡି ଓ ସାଇକେଲ ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ରୁଦ୍ର ପ୍ରତାପ ପ୍ରଧାନ, ତପନ ମହାରଣା, ନାରାୟଣ ସେଠୀ, ଶଙ୍କର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନିରୁଦ୍ଧ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ନିଉଏରା ପବ୍ଲିକ ସ୍କୁଲ ଉତ୍କଳମଣି ସ୍କାଉଟ୍ ଟ୍ରୁପ୍‌ର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

### ଦକ୍ଷିଣାଞ୍ଚଳ କୈବର୍ତ୍ତ ସମାଜର ବୈଠକ

ଚିକିଟି,୨।୨(ଡି.ଏନ.ଏ.): ଗଞ୍ଜାମ ଜିଲା କୈବର୍ତ୍ତ ସମାଜର ବୈଠକ ସୋମବାର ଚିକିଟି ବ୍ଲକ କେ.ସୁବାଣୀ ଗ୍ରାମସ୍ଥିତ କୈବର୍ତ୍ତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରଘୁନାଥ ବେହେରା, ବକ୍ତା ଭାବେ ଅନ୍ତର୍ଯ୍ୟାମୀ ବେହେରା, ସମ୍ମାନିତ ଅତିଥି ଭାବେ ଶତ୍ରୁଘନ ବେହେରା ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସୁବାଣୀର ରଘୁନାଥ ବେହେରା, ଚିକିଟିର ରାମେଶ୍ୱର ବେହେରା ସମେତ ଦକ୍ଷିଣାଞ୍ଚଳର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଗଞ୍ଜାମ ନଗର କଂଗ୍ରେସ ସଭାପତିଙ୍କ ଇସ୍ତଫା

ଗଞ୍ଜାମ,୨।୨(ଡି.ଏନ.ଏ.): ଗଞ୍ଜାମ ନଗର କଂଗ୍ରେସ ସଭାପତି ନବକୃଷ୍ଣ ପଣ୍ଡା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଗତ ୩୦ ବର୍ଷ ହେବ କଂଗ୍ରେସର ନଗର ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ବିଭିନ୍ନ ସମୟରେ ଦଳର ଗୁରୁ ଦାୟିତ୍ୱ ନେଇ ସେ ଦଳର ଦୃଢ଼ ସଙ୍ଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ତାଙ୍କ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଇସ୍ତଫା ପତ୍ର ଜିଲା ସଭାପତିଙ୍କୁ ପଠାଇ ଦେଇଥିବା ନବକୃଷ୍ଣ ପ୍ରକାଶ କରିଛନ୍ତି।

# ଶାସକ ଦଳ ଭୟ ଦେଖାଉଛି: ଭାଜପା

ଦିଗପହଣ୍ଡି,୨।୨(ଡି.ଏନ୍.ଏ.)

**ଅଭିଯୋଗ ଅସତ୍ୟ: ବିଧାୟକ**

ଦିଗପହଣ୍ଡି ଅଞ୍ଚଳରେ ଶାସକଳ ଦଳର ଦଳୀୟ ନେତୃବୃନ୍ଦ ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀଙ୍କୁ ଭୟଭୀତ କରାଉଥିବା ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତା ଶୁଭେନ୍ଦୁ ପାଢ଼ୀ, ସୂର୍ଯ୍ୟନାରାୟଣ ସାହୁ, ମନୋଜ କୁମାର ପଣ୍ଡା, ଧର୍ମବୀର ପ୍ରଧାନ ଏବଂ ସନ୍ତୋଷ କୁମାର ସାହୁ ପ୍ରମୁଖ ସୋମବାର ସନ୍ଧ୍ୟାରେ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ଅଞ୍ଚଳରେ ବିଜେଡ଼ି ଦୀର୍ଘଦିନ ହେଲା ବିଭିନ୍ନ ପଞ୍ଚାୟତ ଓ ବ୍ଲକରେ କ୍ଷମତାରେ ରହିଥିବାରୁ ଏପରି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ପୋଲିସ, ପ୍ରଶାସନ ଓ ଭିଜିଲାନ୍ସକୁ ବ୍ୟବହାର କରି ଅନ୍ୟ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କୁ ଚାପ ପକାଇ ଶାସକଦଳର ଛତ୍ରଛାୟା ତଳେ ମୁଣ୍ଡ ପୋତିବାକୁ ବାଧ କରୁଥିବା ସେମାନେ କହିଛନ୍ତି। ଆକ୍ରୋଶମୂଳକ ଭାବେ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରୁ ବାଦ୍ ଦିଆଯାଉଛି। କେବଳ ଖମ୍ବାରିଗାଁ ପଞ୍ଚାୟତରେ ଆକ୍ରୋଶମୂଳକ ଭାବେ ୨ଶହରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଭତ୍ତା ଓ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଦିଗପହଣ୍ଡି ପୁଞ୍ଜିକିୟାଁ ଛକ ନିକଟ ଆର୍‌ଏମ୍‌ସିଏସ୍‌ର ଜମି ଦୁର୍ନୀତିରେ ହାତଗଣତି ତଳିଆ ସରକାରୀ କର୍ମଚାରୀକୁ ନିଲମ୍ବିତ କରାଯାଇଛି। ଏଥିରେ ସାମିଲ ଦଳୀୟ ନେତୃବୃନ୍ଦଙ୍କ ବିରୋଧରେ ବିଧାୟକ ଚାପରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ଏଭଳି ଅଭିଯୋଗ ଅସତ୍ୟ ବୋଲି ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ପ୍ରତିକ୍ରିୟାରେ ଜଣାଇବା ସହ ଭାଜପା ଭୋକ ବିକଳରେ ତାଟିଆ କାମୁଡୁଛି ବୋଲି କହିଛନ୍ତି।

# ୧୩୫ କି.ଗ୍ରା. ଗଞ୍ଜେଇ ଜବତ, ୪ ଗିରଫ

ଫୁଲବାଣୀ ଅଫିସ, ୨।୨

ଫିରିଙ୍ଗିଆ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩୫ କି.ଗ୍ରା. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋଟଗଡ଼ ବ୍ଲକ ସଗଡ଼ିଆ ସାହିର ଆକାଶ ନାଏକ, ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ବରପଡା ଗ୍ରାମର ବଚନ ସାହାଣି, କାଣିବାଲି ଗ୍ରାମର ନାରାୟଣ କହଁର ଓ ଖଜୁରିପଡା ବ୍ଲକ ବଇକୁମ୍ପା ପଞ୍ଚାୟତ ଲଦାପଦର ଗ୍ରାମର ସଦାଶିବ ମହାନନ୍ଦ। ଏମାନେ କିଛିଦିନ ହେଲା ଫିରିଙ୍ଗିଆ ଅଞ୍ଚଳରୁ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ପାଖରେ ସୂଚନା ଥିଲା । କୌଣସି ସୂତ୍ରରୁ ଖବରପାଇ ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମ ସୁନ୍ଦର ରାଓ ଏକ ଟିମ୍ କରି ଫୁଲବାଣୀ–ଫିରିଙ୍ଗିଆ ରାସ୍ତାର ସରୁକୋଇ ଛକ ନିକଟରେ ଜଗି ରହିଥିଲେ । ସେଠାରେ ଏକ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୩୦ କିଲୋ ଗଞ୍ଜେଇ ମିଳିଥିଲା । ଏହି ଘଟଣାରେ ଆକାଶ ଏବଂ ବଚନଙ୍କୁ ଗିରଫ କରାଯାଇଥିଲା । ସେହିପରି ଅତିରିକ୍ତ ଥାନାଧିକାରୀ ଦଶରଥ ହେମ୍ବ୍ରମଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଫିରିଙ୍ଗିଆ–ଗୋଛାପଡା ରାସ୍ତାର ମାଝିପଡା ଘାଟି ନିକଟରେ ଗାଡିମୋଟର ଯାଞ୍ଚ କରିବା ବେଳେ ଏକ ଅଟୋରୁ ୧୦୫ କିଲୋ ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ନାରାୟଣ ଓ ସଦାଶିବଙ୍କୁ ଗିରଫ କରାଯାଇଥିଲା ।

# ସିଦ୍ଧାର୍ଥ, ମେଲିସାଙ୍କୁ ସମ୍ବର୍ଦ୍ଧନା


ରହି ରୌପ୍ୟ ଓ ବ୍ରୋଞ୍ଜ ପଦ.....

ରାଇକିଆ,୨।୨(ଡି.ଏନ.ଏ.)

ହିମାଳୟ ଆରୋହଣ କରିଥିବା ରାଇକିଆ ବ୍ଲକ୍‌ର ସିଦ୍ଧାର୍ଥ ପ୍ରଧାନ ଏବଂ ଜାତୀୟସ୍ତରର ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇ ଫେରିଥିବା ମେଲିସା ନାୟକଙ୍କୁ ମଙ୍ଗଳବାର ରାଇକିଆରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ବାସିନ୍ଦା ଉଭୟଙ୍କୁ ଶୋଭାଯାତ୍ରାରେ ବେରେଡାକିଆଠାରୁ ଚୁନପଲୀ ଛକ ପର୍ଯ୍ୟନ୍ତ ନେଇଥିଲେ। ସିଦ୍ଧାର୍ଥ ଗତ ଜାନୁୟାରୀରେ ହିମାଳୟର ୧୨ ହଜାର ପାଞ୍ଚଶହ ଫୁଟ ଉଚ୍ଚତାରେ ଥିବା ବୁଗୀୟଲ ପର୍ବତ ଚଢ଼ି ତ୍ରିରଙ୍ଗା ପତାକା ଉଡ଼ାଇଥିଲେ । ତାଙ୍କ ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ୨୩ଜଣ ଆରୋହଣକାରୀ ମଧ୍ୟ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ରାଇକିଆ ବ୍ଲକ୍‌ର ମେଲିସା ମୁମ୍ବାଇଠାରେ ଅନୁଷ୍ଠିତ ୧୯ବର୍ଷରୁ କମ ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ସଫଳତାର ସହ ଭାଗ ନେଇଥିଲେ। ତାଙ୍କୁ ମଧ୍ୟ ରାଇକିଆ ବାସିନ୍ଦାଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।

# ଗାଁ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ପାତ୍ରପୁର,୨।୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଢୁରୁବୁଡ଼ି ପଞ୍ଚାୟତ କରଡ଼ାଖାଲ ଗ୍ରାମବାସୀ ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକଙ୍କୁ ଘରବାରି ପଟ୍ଟା ମିଳି ନ ଥିବା ବେଳେ ଗାଁକୁ ପକ୍କା ରାସ୍ତା ଓ ପାନୀୟ ଜଳ ସୁବିଧା ନାହିଁ। ପଟ୍ଟା ନ ଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରେ ଅସୁବିଧା ଭୋଗୁଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଲୋକେ ବିଡିଓ ପ୍ରକାଶ ଚନ୍ଦ୍ର ଦାସ ଓ ତହସିଲଦାର ଅମିତ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଢୁରୁବୁଡ଼ିଠାରୁ ଜାମସାହି, ପଣସମେଣ୍ଟ, ଲୁହାଗୁଡ଼ି ଦେଇ କରଡ଼ଖାଲ ଗ୍ରାମକୁ ରାସ୍ତା ନିର୍ମାଣ, ପାନୀୟ ଜଳ ସୁବିଧା ଏବଂ ଘରବାରି ପଟ୍ଟା ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକେ।

# ବ୍ରହ୍ମପୁର ପାଓ୍ୱାର ସିକ୍ସ ଚାମ୍ପିୟନ

**ସଙ୍କଟ ମୋଚନ ଭଲିଭଲ ଟୁର୍ନାମେଣ୍ଟ**


ଚାମ୍ପିୟନ ଟିମକୁ ପୁରସ୍କୃତ କରୁଛନ୍ତି ଅତିଥି।

ହିଞ୍ଜିଳିକାଟୁ,୨।୨(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ରାଳବଠାରେ ଚାଲିଥିବା ସଙ୍କଟମୋଚନ ଭଲିଭଲ ଟୁର୍ନାମେଣ୍ଟରେ ବ୍ରହ୍ମପୁରର ପାୱାର ସିକ୍ସ ଟିମ୍ ଚାମ୍ପିୟନ ହୋଇଛି। ମଙ୍ଗଳବାର ପାୱାର ସିକ୍ସ ଟିମ୍ ଓ ହିଞ୍ଜିଳିକାଟୁର ନବୀନ ନିବାସ ଭଲିଭଲ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲର ୫ଟି ସେଟରେ ୩–୨ରେ ବ୍ରହ୍ମପୁର ଟିମ୍ ବିଜୟୀ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର, ଆଇଆଇସି ଅଭିମନ୍ୟୁ ଦାଶ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେନ୍ଦ୍ରନାଥ ପ୍ରଧାନ, ଯୁବ ବିଜେଡ଼ି ନେତା ଅଜୟ ମହାରଣା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ପାଓ୍ୱାର ସିକ୍ସ ଟିମକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ହିଞ୍ଜିଳିକାଟୁ ଟିମକୁ ରନର୍ସ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳର ଟିଙ୍ଗିରି,ବେଷ୍ଟ ନେଟ ଖେଳାଳୀ ଭାବେ ବ୍ରହ୍ମପୁର ଦଳର ମହେଶଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ହିଞ୍ଜିଳିକାଟୁ ଟିମର ଉତ୍ତମ ମ୍ୟାନ ଅଫ ଦି ଫାଇନାଲ ଘୋଷିତ ହୋଇଥିଲେ। ରେଫରି ଭାବେ ପଦ୍ମ ଚରଣ ସାହୁ ଓ ସ୍କୋରର ଭାବେ ଦୁର୍ଗା ପ୍ରସାଦ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ଜିଆରପି

ବ୍ରହ୍ମପୁର ଅଫିସ,୨।୨

**ବାଇକ୍ ଡିକି ଭାଙ୍ଗି ଲୁଟ୍ ଘଟଣା**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଜଣେ ଲୁଟେରା ବିଜୟ ସ୍ୱାଇଁ (୩୪)ଙ୍କୁ ସରକାରୀ ରେଳବାଇ ପୋଲିସ (ଜିଆରପି) ବୁଧବାର ରିମାଣ୍ଡରେ ନେବ। ଜିଆରପି ପୋଲିସ ଏନେଇ ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅଭିଯୁକ୍ତଙ୍କୁ ୨ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଏସ୍‌ଡିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀ ମଙ୍ଗଳବାର ଏହାର ଶୁଣାଣି କରି ଜେଲରେ ଥିବା ଅଭିଯୁକ୍ତ ବିଜୟଙ୍କୁ ଜିଆରପି ପୋଲିସ ବୁଧବାର ଦିନକ ପାଇଁ ରିମାଣ୍ଡରେ ନେବାକୁ ନିର୍ଦ୍ଦେଶ ଦେଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି।

ଘଟଣାରୁ ପ୍ରକାଶ, ୨୦୨୦ ଜାନୁୟାରୀ ୧୩ରେ ପ୍ରସନ୍ନ କୁମାର ମହାନ୍ତି ତାଙ୍କର ଜଣେ ବନ୍ଧୁଙ୍କୁ ଛାଡିବା ପାଇଁ ରେଳଷ୍ଟେଶନ ଯାଇଥିଲେ। ଷ୍ଟେଶନ ସମ୍ମୁଖରେ ତାଙ୍କ ସ୍କୁଟି ପାର୍କିଂ କରି ଭିତରକୁ ଯାଇଥିଲେ। ସାଙ୍ଗଙ୍କୁ ଛାଡି ପ୍ରସନ୍ନ ଗାଡି ପାଖକୁ ଆସି ଦେଖିବା ବେଳକୁ ଡିକି ଖୋଲାଥିଲା। ସେଥିରେ ରଖିଥିବା ୨୦ ହଜାର ଟଙ୍କା ନ ଥିଲା। ସେ ଏ ନେଇ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡିସ୍ଥିତ କୋଲକାତା ପାଉଁରୁଟି ଦୋକାନ ସମ୍ମୁଖରୁ ଗତ ୧୫ ତାରିଖରେ ବିପିନି ବରାଳଙ୍କ ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ୬୦ ହଜାର ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ମାମଲା ନଂ. ୧୭ /୨୧ରେ ବିଜୟ ସ୍ୱାଇଁଙ୍କୁ ଗିରଫ କରି ଜେଲ ପଠାଇଥିଲା। ଜେରା ବେଳେ ସେ ପୂର୍ବରୁ ରେଳଷ୍ଟେଶନ ନିକଟରୁ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ବିଜୟ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ଜିଆରପି ପୋଲିସ ବୁଧବାର ତାଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ପ୍ରଦାନ କରିଛି।

# ଦାରିଙ୍ଗବାଡିରେ ତାପମାତ୍ରା ୭.୫ ଡିଗ୍ରୀ

ଦାରିଙ୍ଗବାଡ଼ି,୨।୨(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ଅଞ୍ଚଳରେ ପୁଣି ଶୀତ ଲେଉଟିଛି। ସନ୍ଧ୍ୟା ସମୟରୁ ସକାଳ ପ୍ରାୟ ୧୦ଟା ପର୍ଯ୍ୟନ୍ତ ଅସହ୍ୟ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ସର୍ବନିମ୍ନ ତାପମାତ୍ର ୭.୫ ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଶୀତର ମଜା ନେବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାବେଳେ ଅଞ୍ଚଳବାସୀ ସକାଳୁ କାମଧନ୍ଦାକୁ ଯିବା କଷ୍ଟକର ହୋଇପଡ଼ିଛି। ଗତ କିଛିଦିନ ହେଲା ତାପମାତ୍ରା ବୃଦ୍ଧି ପାଇ ୧୮ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଥିବାବେଳେ ହଠାତ୍ ପୁଣି ପାରଦ କମିଯିବାରୁ ଜନସାଧାରଣ ଥଣ୍ଡାଜନିତ ରୋଗରେ ପୀଡିତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଦିନରେ ଗରମ ଲାଗିବା ସହ ପ୍ରଚଣ୍ଡ ଖରା ମଧ୍ୟ ହେଉଛି।

# ୨୧ରୁ ଧାରଣା ଦେବେ ଲକ୍ଷ୍ମୀବାବା

**ପାରଳା ଜଗନ୍ନାଥ ମନ୍ଦିର ନିର୍ମାଣ ଦାବି ଜୋର୍ ଧରିଲା**

ପାରଳାଖେମୁଣ୍ଡି,୨।୨(ଡି.ଏନ୍.ଏ.)

ଗଜପତି ରାଜବଂଶର ସ୍ମୃତି ବହନ କରୁଥିବା ପାରଳାଖେମୁଣ୍ଡିସ୍ଥିତ ରାଜନଅର ନିକଟସ୍ଥ ବହୁ ପୁରାତନ ଜଗନ୍ନାଥ ମନ୍ଦିରକୁ ପ୍ରାୟ ୪ବର୍ଷ ତଳେ ନୂତନ ମନ୍ଦିର ନିର୍ମାଣ ପାଇଁ ଭଙ୍ଗା ଯାଇଥିଲା। ଏଠାରେ ଥିବା ୩ ବିଗ୍ରହଙ୍କୁ ନିକଟସ୍ଥ ଅସ୍ଥାୟୀ କୋଠରୀରେ ରଖି ପୂଜାର୍ଚ୍ଚନା ଚାଲିଛି। ହେଲେ ପୁରାତନ ମନ୍ଦିର ଭଳି ଏଠାରେ ସୁବିଧା ନ ଥିବାରୁ ପୂଜାର୍ଚ୍ଚନା ପାଇଁ ଭକ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ବର୍ଷ ବିତିଥିଲେ ମଧ୍ୟ ମନ୍ଦିର କାମ ଆରମ୍ଭ ହେଉନାହିଁ। ଏନେଇ ମହେନ୍ଦ୍ରାଶ୍ରମର ମୁଖ୍ୟ ତଥା ସାଧୁ ସ୍ୱାମୀ ଭାସ୍କର ତୀର୍ଥ (ଲକ୍ଷ୍ମୀବାବା) ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି।

ଚଳିତମାସ ୨୦ସୁଦ୍ଧା ମନ୍ଦିର ନିର୍ମାଣ କାମ ଆରମ୍ଭ ନହେଲେ ୨୧ରୁ ପାରଳା ରାଜପ୍ରାସାଦ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଏନେଇ ଏକ ଅନୁରୋଧ ପତ୍ର ପାରଳାଖେମୁଣ୍ଡିର ରାଣୀ ରାଜଜେମା କଲ୍ୟାଣୀ ଗଜପତିଙ୍କୁ ସୋମବାର ପ୍ରଦାନ କରିଛନ୍ତି। ରାଜଜେମା ତୁରନ୍ତ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ନଚେତ୍ ଏହାର ଦାୟିତ୍ୱ ସରକାର କିମ୍ବା କୌଣସି ଟ୍ରଷ୍ଟକୁ ସମର୍ପଣ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ଅଧିକାରୀଙ୍କ ଦେଖା ମିଳୁନି, ଚାଷୀ ହତାଶ

କାଶୀନଗର,୨।୨(ଡି.ଏନ୍.ଏ.)

**କାଶୀନଗର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ**

ପାରଳାଖେମୁଣ୍ଡି–ଗୁଣୁପୁର ରାସ୍ତାକୁ ଲାଗି ରହିଛି କାଶୀନଗର କ୍ଷୁଦ୍ର ଜଳସେଚନ ବିଭାଗ(ଏମ୍ଆଇ) କାର୍ଯ୍ୟାଳୟ। ଯେତେବେଳେ କାର୍ଯ୍ୟାଳୟକୁ ଗଲେ ଅଧିକାରୀଙ୍କ ଦେଖା ମିଳୁନାହିଁ ବୋଲି କାଶୀନଗର ରଇତ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସେମାନେ କହିଛନ୍ତି ଯେ, ମାସସାରା କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଚୌକି ଖାଲି ପଡ଼ିଥାଏ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିବାବେଳେ ତାଙ୍କୁ ପଚାରିଲେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି ବୋଲି ଚିରାଚରିତ ଉତ୍ତର ମିଳେ। ମାତ୍ର ରଇତ ସଂଘ (କୃଷକମାନେ) ପ୍ରଶ୍ନ କରିଛନ୍ତି ଯେ, ପ୍ରତି କାର୍ଯ୍ୟଦିବସରେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି, ତେବେ ଅଫିସ କାମ କିପରି କରାଯିବ, ସେମାନେ କାହାକୁ ସମସ୍ୟା ଜଣାଇବେ। ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ର କହିଛନ୍ତି, ସଂଘ ତରଫରୁ ଜେଇଙ୍କୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଅନ୍ତତଃ ସପ୍ତାହକୁ ୩ଦିନ ସାକ୍ଷାତ ସମୟ ସ୍ଥିର କରି କାର୍ଯ୍ୟାଳୟ ଆଗରେ ଏକ ବୋର୍ଡ ଲଗାଇବାକୁ। କିନ୍ତୁ ଏଯାଏ ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇନାହିଁ। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଯାଇଥିବାବେଳେ କେବଳ ଚତୁର୍ଥଶ୍ରେଣୀ କର୍ମଚାରୀ ହିଁ ଥିଲେ, ଅନ୍ୟସବୁ ଚୌକି ଖାଲି ପଡ଼ିଥିଲା।


ଖାଲି ପଡ଼ିଛି ଚୌକି

ଏ ସମ୍ପର୍କରେ ବିଭାଗୀୟ କାର୍ଯ୍ୟନିର୍ବାହୀ ପ୍ରମୋଦ କୁମାର ବିଶ୍ୱାଳଙ୍କୁ ପଚରାଯିବାରୁ ସେ କହିଛନ୍ତି, ବିଭାଗରେ ଆବଶ୍ୟକ ଷ୍ଟାଫ୍ ନାହାନ୍ତି, ତେଣୁ ଅସୁବିଧା ହେଉଛି। ତେବେ ରଇତ ସଂଘ ଦେଇଥିବା ପ୍ରସ୍ତାବ ଗ୍ରହଣୀୟ। ସେ କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଜଣାଇଦେବେ। ଲିଖିତ ଭାବେ କାଶୀନଗର କାର୍ଯ୍ୟାଳୟରେ ଅଭିଯୋଗ ଓ ପ୍ରସ୍ତାବ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

